# ଶ୍ରୀ ପ୍ରଣାଳୀରେ ଧାନ ଚାଷ



ପ୍ରକାଶକ:

ୱାର୍ଡ (WORD)
କେନ୍ଦୁଝର

ସହାୟତା:

JAMSETJI TATA TRUST

# ଶ୍ରୀ ପ୍ରଣାଳୀରେ ଧାନ ଚାଷ



'ଶ୍ରୀ'' ହେଉଛି ଧାନଚାଷର ଏକ ପଦ୍ଧତି, ଏଥିରୁ ଜଣାଯାଏ ଯେ, ଏହା ମୃତ୍ତିକା, ଜଳ ଓ ଫସଲ ପରିଚାଳନାର ଏକ ଫଳପ୍ରଦ ଚାଷ ବ୍ୟବସ୍ଥା । କମ୍ ଖର୍ଚ୍ଚରେ ଅଧିକ ଫସଲ ଉତ୍ପାଦନ ପଦ୍ଧତିର ଏକ ବିକଳ୍ପ ହେଲା ''ଶ୍ରୀ'' । ଓଡ଼ିଶା ପରି ଏକ କୃଷି ପ୍ରଧାନ ରାଜ୍ୟରେ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ବର୍ଷସାରା ଖାଦ୍ୟସୁରକ୍ଷା ଯୋଗାଇ ଦେବାପାଇଁ ''ଶ୍ରୀ'' ଏକ ଅତ୍ୟନ୍ତ ଉପଯୋଗୀ ଧାନଚାଷ ପଦ୍ଧତି । SRI (System of Rice Intensification) ଏହାର ଆକ୍ଷରିକ ଓଡ଼ିଆ ଅର୍ଥ ହେଲା "**ସଘନ ଧାନ ଚାଷ ପଦ୍ଧତି**" ।

ଏହି ପ୍ରଣାଳୀଟି ୧୯୮୦ ମସିହାରେ ଆଫ୍ରିକା ମହାଦେଶର ମାଡ଼ାଗାସ୍କର ଠାରେ ଜଣେ ପାଦ୍ରୀ ବାହାର କରିଥିଲେ । ୧୯୯୭ ମସିହାରୁ ଏହି ପ୍ରଣାଳୀଟି ଭାରତ ସମେତ ପୃଥିବୀର ପ୍ରାୟ ୩୨ଟି ଦେଶରେ ବହୁଳ ଭାବେ ଚାଷ କରାଯାଉଛି । ଆମ ଓଡ଼ିଶାରେ ଏହା ୨୦୦୬ ମସିହାରୁ ଆରମ୍ଭ ହୋଇ ଅଦ୍ୟାବଧି ପ୍ରାୟ ସବୁ ଜିଲ୍ଲାରେ ସଫଳ ଭାବରେ ଚାଷ କରାଗଲାଣି ।

## "ଶ୍ରୀ" ପ୍ରଣାଳୀର ବିଶେଷତ୍ୱ :-

୧. କମ୍ ବିହନ ଆବଶ୍ୟକ- ଏକର ପ୍ରତି ପ୍ରାୟ ୨ କିଲୋ ବିହନ ଆବଶ୍ୟକ ହୁଏ ।

୨. ଅଳ୍ପଦିନର ତଳି ରୁଆ ଯାଏ- ପ୍ରାୟ ୮ ରୁ ୧୨ ଦିନର ତଳି ଅତି ଯତ୍ନ ସହକାରେ ଲଗାଯାଏ ।

୩. ଅଧିକ ଦୂରତାରେ ଗୋଟିଏ କରିତଳି ଲଗାଯାଏ- ଏହି ପ୍ରଣାଳୀରେ ଦଶ ଇଞ୍ଚ x ଦଶ ଇଞ୍ଚ ବ୍ୟବଧାନରେ ତଳି ରୁଆଯାଏ ।

୪. ଧାନଗଛରେ ଗଣ୍ଠି ଛାଡ଼ିବା ପର୍ଯ୍ୟନ୍ତ ଠିଆପାଣି ରଖାଯାଏ ନାହିଁ । ଏଣୁ କମ୍ ଜଳସେଚନ ଦରକାର ହୋଇଥାଏ ।

୫. ଏଥିରେ ରାସାୟନିକ ସାର ପରିବର୍ତ୍ତେ ଜୈବିକ ସାର ବ୍ୟବହାରକୁ ପ୍ରୋତ୍ସାହିତ କରାଯାଏ । କେବଳ ଜୈବିକ ଖତ ଓ ସବୁଜ ସାର ପ୍ରୟୋଗ କଲେ ନିରନ୍ତର ଭାବେ ଅଧିକ ଅମଳ ମିଳିଥାଏ ।

୬. ସହଳ ଘାସ ବଛାଯାଏ- ରୁଆ ହେବାର ୧୦, ୨୦, ୩୦ ଦିନରେ ଏହିପରି ୩ ଥର ଯନ୍ତ୍ର ସାହାଯ୍ୟରେ ଘାସ ବଛାଯାଏ । ଏଣୁ ଘାସ ବଛା ମଜୁରୀ କମ୍ ଲାଗେ । ଏହିସବୁ ହେଉଛି ''ଶ୍ରୀ'' ପ୍ରଣାଳୀ ଧାନଚାଷର ମୁଖ୍ୟ ବିଷୟ ।

## "ଶ୍ରୀ" ପାଇଁ ଉପଯୁକ୍ତ ଜମି ଚୟନ :-

ଯେଉଁ ଜମିରେ "ଶ୍ରୀ" ପ୍ରଣାଳୀରେ ଧାନଚାଷ କରିବେ ସେଥିରେ ଜଳସେଚନ ଓ ଜଳ ନିଷ୍କାସନର ସୁବିଧା ସାଙ୍ଗକୁ ଜମି ସମତୁଲ ହୋଇଥିଲେ ଭଲ । ଦୋରସା ଓ ବାଲି ଦୋରସା ମାଟି "ଶ୍ରୀ" ପ୍ରଣାଳୀ ଧାନଚାଷ ପାଇଁ ଅତି ଉପଯୁକ୍ତ । କିନ୍ତୁ ଅନ୍ୟ କିସମ ଜମିରେ ମଧ୍ୟ ସଫଳ ଭାବେ ଚାଷ କରାଯାଇପାରିବ ।

## ବିହନ ନିର୍ବାଚନ :-

"ଶ୍ରୀ" ପ୍ରଣାଳୀରେ ଧାନଚାଷରେ କୌଣସି ନିର୍ଦ୍ଦିଷ୍ଟ କିସମର ବିହନର ଆବଶ୍ୟକତା ନଥାଏ । ଚାଷୀ ପାଖରେ ଯେଉଁ ବିହନ ଅଛି ସେଥିରେ ଏହି ଚାଷ କରିହେବ । ପ୍ରଥମେ ନିରୋଳା ନିରୋଗା ବିହନ ବାଛନ୍ତୁ । ବିହନ ସୁସ୍ଥ ସବଳ ଥିଲେ ସେଥିରୁ ସୁସ୍ଥ ଗଛ ହେବ ଓ ଅମଳ ମଧ୍ୟ ଭଲ ହେବ । ଜମିର ପ୍ରକାର ଅନୁସାରେ ବିହନ କିସମ ନିର୍ବାଚନ କରିବା ଦରକାର ।

## ବିହନ ଉପଚାର ଓ ଜୈବିକ ଉପାୟରେ ବିହନ ବିଶୋଧନ :-

ଆପଣ ବାଛିଥିବା ଦୁଇକିଲୋ ଧାନ ବିହନକୁ ୩-୪ ଲିଟର ପାଣିରେ ଭିଜାଇ ଉପରେ ଭାସୁଥିବା ଅଗାଡ଼ି ଅଲଗା କରିଦିଅନ୍ତୁ । ଏଥିରେ ଆନୁମାନିକ ୬୦-୮୦ ମି.ଲି. ଗୋମୂତ୍ର ମିଶାଇ ଦିଅନ୍ତୁ । ତାହା ପାଣିରେ ୭/୮ ଘଣ୍ଟା ପର୍ଯ୍ୟନ୍ତ ଭିଜାଇ ଦିଅନ୍ତୁ । ତା'ପରେ ବିହନକୁ ୪/୫ ଘଣ୍ଟା ଛାଇରେ ଶୁଖାଇ ଦିଅନ୍ତୁ । ଏହା ଏବେ ତଳି ପାଇଁ ପ୍ରସ୍ତୁତ ଅଟେ ।

## ତଳି ପଟାଳି ପ୍ରସ୍ତୁତି :-

ତଳି ପଟାଳି ପ୍ରସ୍ତୁତି ପାଇଁ ୫୦ ଭାଗ ମାଟି, ୪୫ ଭାଗ ଗୁଣ୍ଡ ଖତ ଓ ୫ ଭାଗ କୁଣ୍ଡା ବା ଶୁଖିଲା ପତ୍ର ଗୁଣ୍ଡ ବା କରତ ଗୁଣ୍ଡ ବା ପାଉଁଶ ବ୍ୟବହାର କରନ୍ତୁ । ଏସବୁ ପଦାର୍ଥକୁ ଏକାଠି କରି ଜମି ଉପରେ ପ୍ରାୟ ୪/୫ ଇଞ୍ଚ ଉଚ୍ଚର ୪ ଫୁଟ ଓସାର ଓ ୧୦ ଫୁଟ ଲମ୍ବର ତଳି ପଟାଳି ପ୍ରସ୍ତୁତ କରନ୍ତୁ । ଦୁଇକିଲୋ ଧାନତଳି ପକାଇବାକୁ ଏହିଭଳି ୪ଟି ପଟାଳି ଦରକାର ଅର୍ଥାତ୍ ଗୋଟିଏ ପଟାଳିରେ ପାଖାପାଖି ୫୦୦ ଗ୍ରାମ୍ ଧାନ ବିହନ ପଡ଼ି ପାରୁଥିବା ତଳି ପଟାଳିରେ ଦୁଇ ଆଙ୍ଗୁଳି ବ୍ୟବଧାନରେ ଗୋଟିଏ ଛୋଟ କାଠିରେ ଗାର ଟାଣି ସେହି ଗାରରେ ବିହନ ବୁଣାଯାଏ ଓ ଧାନ ରହେ ଯେପରି ବିହନ ଉପରେ ବିହନ ନପଡ଼େ । ବିହନ ବୁଣା ସରିଲା ପରେ ତଳିପଟି ଉପରେ କୁଟା ବା ପାଳ ବିଛାଇବେ ନାହିଁ । ତଳି ପଟାଳିକୁ ଆଦୌ ଶୁଖିବାକୁ ଦେବେ ନାହିଁ । ତଳି ୪/୫ ଦିନର ହୋଇଗଲେ ଏଥିରେ ହାଣ୍ଡି ଔଷଧକୁ ୫୦ ଗୁଣ ପାଣି ସହିତ ଝରା ସାହାଯ୍ୟରେ ମିଶାଇ ଛିଞ୍ଚି ଦେଲେ ରୋଗପୋକ ହେବନାହିଁ ।

## ମୁଖ୍ୟ ଜମି ପ୍ରସ୍ତୁତି :-



ଯେଉଁ ଦିନ ତଳି ପଡ଼ିଲା ସେହିଦିନ ମୁଖ୍ୟ ଜମି ପ୍ରସ୍ତୁତି କରନ୍ତୁ । ମୁଖ୍ୟ ଜମିରେ ଧଣିଚା, ମୁଗ, ବିରି, ବରଗୁଡ଼ି ପ୍ରଭୃତି ସବୁଜ ସାର ଚାଷ କରିଥିଲେ ତାକୁ ହଳ କରି ମାଟିରେ ମିଶାଇ ଦିଅନ୍ତୁ । ଜମିକୁ କାଦୁଅ କରିସାରିଲା ପରେ ଛୋଟ ଛୋଟ ପଟିରେ ଭାଙ୍ଗନ୍ତୁ । ପଟିର ଚଉଡ଼ା ୫ ଫୁଟ ଓ ଦୈର୍ଘ୍ୟ ଆବଶ୍ୟକତା ଅନୁସାରେ ହେବା ଆବଶ୍ୟକ । ପ୍ରତି ଦୁଇଟି ପଟାଳୀ ମଧ୍ୟରେ ଏକଫୁଟ ଚଉଡ଼ା ଓ ୬ ଇଞ୍ଚ ଗଭୀରର ପାଣି ନାଳ ରଖନ୍ତୁ । ବର୍ତ୍ତମାନ ପଟାଳୀ ଉପରେ ଖତ ପ୍ରୟୋଗ କରି ସମତୁଲ କରିଦିଅନ୍ତୁ । ଧାନତଳି ୧୦ ଇଞ୍ଚ x ୧୦ ଇଞ୍ଚ ବ୍ୟବଧାନରେ ରୁଆ ଯାଉଥିବାରୁ ଏଥିପାଇଁ ବିଭିନ୍ନ ପ୍ରକାରର ଉପାୟ୍ ଅବଲମ୍ବନ କରାଯାଏ । ୧୦ ଇଞ୍ଚ x ୧୦ ଇଞ୍ଚ ବ୍ୟବଧାନରେ ଗଣ୍ଠି ଥିବା ଦଉଡ଼ି/ବାଡ଼ି ଅଥବା କାଠ/ଲୁହାର ଚିହ୍ନିତ ଯନ୍ତ୍ର (Marker) ସାହାଯ୍ୟରେ ଚିହ୍ନ କରାଯାଏ । ଏହା ଗୋଟିଏ ଗୋଟିଏ ବର୍ଗକ୍ଷେତ୍ରରେ କରାଯାଏ ଓ ପ୍ରତି କୋଣରେ ଗୋଟିଏ ଗୋଟିଏ ତଳି ଲଗାଯିବ ।

## ରୋଇବା ପାଇଁ ତଳି ସଂଗ୍ରହ :-



ଶ୍ରୀ ପ୍ରଣାଳୀ ଧାନଚାଷରେ ତଳି ଉପୁଡ଼ା ଯାଏନାହିଁ, ବିଡ଼ା ବନ୍ଧାଯାଏ ନାହିଁ, ଚେର ଧୁଆଯାଏ ନାହିଁ, ତଳି ଉପାଡ଼ି ଅଧିକ ସମୟ୍ ରଖାଯାଏ ନାହିଁ । ତଳି କିଆରିରୁ ସଂଗ୍ରହ କଲାବେଳେ ସାବଧାନତାର ସହ ଗୋଟିଏ ଟିଣ ବା ଲୁହାପାତ ସାହାଯ୍ୟରେ ମାଟି ସହିତ ଚେକା ଆକାରରେ ନିଆଯାଏ, ଯେପରି ଚେର ସହିତ ମା ଧାନ ଲାଗି ରହିଥିବ । ଏହି ତଳିକୁ ୧୫ ମିନିଟ୍‌ରୁ ଅଧଘଣ୍ଟା ମଧ୍ୟରେ ରୋଇବା ଉଚିତ୍ । ବିଳମ୍ବ ହେଲେ ଅମଳ କମିବ । ତଳିକୁ ବୁଢ଼ା ଆଙ୍ଗୁଠି ଓ ବିଶି ଆଙ୍ଗୁଠି ଟିପରେ ମାଟି ଉପରେ ରଖିଦେବେ । ଯେପରି ଚେର ଓ ଗଛ ଇଂରାଜୀ ଅକ୍ଷର L ପରି ରହିବ । ଆଦୌ ଗଭୀରରେ ରୋଇବେ ନାହିଁ ।

## ଘାସବଛା :-



"ଶ୍ରୀ" ପ୍ରଣାଳୀ ଧାନଚାଷରେ ଘାସ ଥାଉ ବା ନଥାଉ ଯନ୍ତ୍ର ଚଳାଇ ଘାସ ବାଛିବା ନିହାତି ଜରୁରୀ। ଧାନ ରୁଆର ୧୦, ୨୦, ୩୦ ଓ ୪୦ ଦିନରେ ଏହିପରି ୪ ଥର ଘାସ ବଛାଯାଏ। ଏହାର ମୁଖ୍ୟ କାରଣ ହେଲା ଘାସ ନଷ୍ଟ ହେବା ସହିତ ମାଟି ହାଲୁକା ହୋଇଥାଏ ଓ ଜମିରେ ବାୟୁ ଚଳାଚଳ ଭଲ ହୁଏ। ଚେର ଭଲ ବଢ଼େ ଓ ସତେଜ ରହେ। ମାଟିରେ ଥିବା ଅଣୁଜୀବମାନେ ଯଥେଷ୍ଟ ଅମ୍ଳଜାନ ପାଆନ୍ତି ଓ ଗଛ ପାଇଁ ଖାଦ୍ୟ ପ୍ରସ୍ତୁତ କରନ୍ତି। ଗଛ ଯଥେଷ୍ଟ ଖାଦ୍ୟ ପାଇଲେ ଫଳନ୍ତି ପିଲ ସଂଖ୍ୟା ବଢ଼େ, ଫଳରେ ଅମଳ ବେଶୀ ହୁଏ। ଏପରିକି ଗୋଟିଏ ଗୋଟିଏ ଗଛରେ ୧୦୦ରୁ ଊର୍ଦ୍ଧ୍ୱ ପର୍ଯ୍ୟନ୍ତ ପିଲ ବାହାରିଥାଏ।

## ଜଳ ନିୟନ୍ତ୍ରଣ :-

"ଶ୍ରୀ" ପ୍ରଣାଳୀ ଧାନଚାଷରେ ଜମିରେ ଠିଆ ପାଣି ରଖାଯାଏ ନାହିଁ। ପିଲ ଦେବା ଅବସ୍ଥାରେ ଗଛମୂଳରେ ଠିଆ ପାଣି ରହିଲେ ପାଣିର ପାର୍ଶ୍ୱଚାପ ଯୋଗୁଁ ଫଳନ୍ତି ପିଲ ସଂଖ୍ୟା କମିଯାଏ। ନାଳରେ ପାଣି ରଖିବାକୁ ହୋଇଥାଏ। ଚିକିଟା ତଥା କଳାମାଟିରେ ଜଳସେଚନ କରି ଠିଆପାଣି ରଖିଦେଲେ ମାଟିରୁ ପାଣି ଶିଘ୍ର ଶୁଖେ ନାହିଁ। ଧାନଗଛର ଗଣ୍ଠି ଛାଡ଼ିଲା ପରେ ଠିଆପାଣି ରଖାଯାଇପାରେ। ବର୍ଷା ଉପରେ ନିର୍ଭର କରୁଥିଲେ ଜଳସେଚନ ପାଇଁ ବ୍ୟସ୍ତ ହେବା ଆବଶ୍ୟକ ନାହିଁ। "ଶ୍ରୀ" ପ୍ରଣାଳୀରେ ଚାଷ କରାଯାଉଥିବା ଧାନଗଛର ଯଥେଷ୍ଟ ମରୁଡ଼ି ସହଣୀ ଶକ୍ତି ରହିଛି।

## ଖାଦ୍ୟ ପରିଚାଳନା :-

ପ୍ରଥମେ ଜମିରେ ସବୁଜସାର ଚାଷ ଓ ଖତ ପ୍ରୟୋଗ ଇତ୍ୟାଦି କରିବେ। ଧାନରେ ଘାସ ବାଛିଲା ବେଳେ ୨୦ ଓ ୪୦ ଦିନରେ ଦୁଇଥର ଗୋରୁଗୁହାଳ ଚନି ବା ହଦରୀ ପ୍ରୟୋଗ କଲେ ଅନ୍ୟ ସାର ବା ଖତର ଆବଶ୍ୟକତା ପଡ଼େ ନାହିଁ। ଏହି ସମୟରେ ଏକର ପ୍ରତି ୩୦ କିଲୋଗ୍ରାମ୍ ହିସାବରେ ଜିଆଖତ ମଧ୍ୟ ପ୍ରୟୋଗ କରାଯାଇପାରିବ।

ଅନ୍ୟ ଏକ ସହଜ ଉପାୟ ହେଲା ଜୀବାମୃତ। ଜୈବ ଉପାୟରେ ଚାଷ ପାଇଁ ଏହା ଅତ୍ୟନ୍ତ ଉପକାରୀ। ଜୀବାମୃତ ନିମ୍ନ ପ୍ରକାରେ ତିଆରି ହୁଏ।

୧. ଗୋବର - ୧୦ କିଲୋ

୨. ଗୋମୂତ୍ର - ୫ ରୁ ୧୦ ଲିଟର

୩. ଦେଶୀଗୁଡ଼ - ୧ ରୁ ୨ କିଲୋ
୪. ଡାଲିଗୁଣ୍ଡ/ବେସନ - ୧ ରୁ ୨ କିଲୋ
୫. ଉଇହୁଙ୍କା ମାଟି ବା ବରଗଛ ତଳର ମାଟି ୧ କିଲୋ ।

ଏ ସବୁ ପଦାର୍ଥକୁ ଏକାଠି ମିଶାଇ ୨୦୦ ଲିଟର ପାଣି ସହିତ ଗୋଳାଇ ଦିଅନ୍ତୁ । ଦୁଇଦିନ ପରେ ୭ ଦିନ ମଧ୍ୟରେ ଜୀବାମୃତକୁ ପାଣି ନାଳରେ ଢାଳି ଦେବେ । ଧାନରୁଆର ୧୫-୨୦ ଦିନ ପରେ ପ୍ରଥମ ଥର ଜୀବାମୃତ ପ୍ରୟୋଗ କରିବେ । ପ୍ରତି ୨୦-୨୫ ଦିନରେ ଥରେ ଏହିପରି ୩ ଥର ଜୀବାମୃତ ପ୍ରୟୋଗ କରାଯାଏ ।

## ରୋଗପୋକ ନିୟନ୍ତ୍ରଣ :-

"ଶ୍ରୀ" ପ୍ରଣାଳୀ ଧାନଚାଷରେ ବିଶେଷ ରୋଗପୋକ ଦେଖାଯାଏ ନାହିଁ । କିନ୍ତୁ ଗଛକୁ ସୁରକ୍ଷିତ ରଖିବାକୁ ୨/୩ ଥର ହାଣ୍ଡି ଔଷଧ ପ୍ରୟୋଗ କଲେ ଭଲ ଫଳ ମିଳିଥାଏ । ହାଣ୍ଡି ଔଷଧ ଏହିପରି ତିଆରି ହୁଏ ।

୧. ସଜ ଗାଇ ଗୋବର - ୧ କିଲୋ, ୨. ଗୋମୂତ୍ର - ୨/୩ ଲିଟର
୩. ଦେଶୀଗୁଡ଼ - ୫୦ ଗ୍ରାମ୍, ୪. ନିମ୍ବ, କରଞ୍ଜ, ଅରଖପତ୍ର - ପ୍ରତ୍ୟେକରୁ ପ୍ରାୟ ୧ କିଲୋ ।

ଗୋଟିଏ ମାଟି ହାଣ୍ଡିରେ ଗୋବର, ଗାଇମୂତ୍ର, ଗୁଡ଼ ଓ ସବୁ ପତ୍ର ଏକାଠି ମିଶାଇ ମୁହଁ ବାନ୍ଧି ୭ ଦିନ ରଖିବେ । ୭ ଦିନ ପରେ ଏଥିରୁ ଯେଉଁ ରସ ବାହାରିବ ତାହା ହାଣ୍ଡି ଔଷଧ । ହାଣ୍ଡିରୁ ରସ ବାହାର କଲାପରେ ଏଥିରେ ଖାଲି ଗାଇମୂତ୍ର ମିଶାଇବେ । ଏହି ରସରେ ୫୦ ଗୁଣ ପାଣି ମିଶାଇ ଗଛରେ ଝରା ସାହାଯ୍ୟରେ ଛିଞ୍ଚିଦେବେ ।

## ଫସଲ୍ ଅମଳ :-

ସାଧାରଣ ଧାନଠାରୁ "ଶ୍ରୀ" ଧାନ ୭/୮ ଦିନ ଆଗରୁ ପାଚିଯାଏ । ଧାନ ପାଚିଲା ପରେ ମଧ୍ୟ ଗଛ ସବୁଜ ଥାଏ । ଏଣୁ କେଣ୍ଡାର ଅବସ୍ଥା ଦେଖି ଧାନ କଟାଯାଏ । ଏକର ପ୍ରତି ୨୫ ରୁ ୩୦ କୁଇଣ୍ଟାଲ ଧାନ ସାଧାରଣତଃ ଅମଳ ହୁଏ । ଏଥିରେ ୫୦ ରୁ ୬୦ କୁଇଣ୍ଟାଲ ଧାନ ଅମଳ ହେବାର ମଧ୍ୟ ଦେଖାଯାଇଛି ।


# WORD

**(Women Organisation for Rural Development)**

At- Khajuria, PO- Akul, Via-Sirigida, Dist- Keonjhar,
Odisha, India, PIN- 758076
Tel. No+91-6735-264041, Mbo. 9437251373
Email- wordkjr@rediffmail.com, Web site: www.wordindia.org.in